୰ଗୋପିନାଥ ଦାସଙ୍କ କୃତ

# ବାଟଓଷା କଥା



ବୀଣାପାଣି ପୁସ୍ତକ ଭଣ୍ଡାର

# ବାଟଓଷା କଥା

ଜୟ ତୁ ଜୟ ଜନାର୍ଦ୍ଦନ । ଜୟ ତୁ କମଳା ରମଣ ॥
ରାଧାରମଣ ବାସୁଦେବ । ଖଣ୍ଡିଲେ କଂସାସୁର ଗର୍ବ ॥
ଗୁପତେ ବଢ଼ି ଗୋପପୁରେ । ଜନମି କଂସ ବନ୍ଦୀ ଘରେ ॥
ଅଶେଷ ମହିମା ତୋହର । କେ କରିପାରେ ତା' ଗୋଚର ॥
ନାହିଁ ତୋହର ଆଦିଅନ୍ତ । ଦେଖୁ ତୁ ହୋଇଲୁ ଅନନ୍ତ ॥
ସକଳ ସୃଷ୍ଟି ହର୍ତ୍ତାକର୍ତ୍ତା । ସକଳ ଜନ ସୁଖଦାତା ॥
ସକଳ ତୋହର ଭିଆଣ । ତୋ ବିନୁ କିଛି ନାହିଁ ଆନ ॥
ତେତିଶ କୋଟି ଦେବଗଣ । ତୋଠାରୁ ହୋଇଲେ ଜନମ ॥
ଆଜ୍ଞା ପାଇଣ ଯେ ଯାହାର । ଅଧିକାରୀ ହେଲେ ସୃଷ୍ଟିର ॥
ଯମ ରାଜା ଯେ ସୁତାସୁତ । ସମସ୍ତେ ତାହାର ଆୟତ୍ତ ॥
ମରଣ କାଳେ ଧରି ନେଇ । ନିଷ୍ଠୁର ପ୍ରହାର କରଇ ॥
ତତଲା ତେଲ ଚକ୍ଷୁ କର୍ଣ୍ଣେ । ଢାଳଇ ଅତି କ୍ରୋଧ ମନେ ॥
ଅସତୀ ଦୋଚାରୁଣୀ ଯେହି । ଶିମିଳି ଗଛରେ ଟାଙ୍ଗଇ ॥
ବିଛା କଙ୍କଡ଼ା ନାଗସାପ । କାମୁଡ଼ୁଥାନ୍ତି ଅନୁକ୍ଷଣେ ॥
ଅଶେଷ ଯନ୍ତ୍ରଣା ଦିଅଇ । ଏ କଷ୍ଟୁ ଆଉ କଷ୍ଟ ନାହିଁ ॥
ଏମନ୍ତ ଦେଖି ନାରାୟଣ । ବିଚାର କଲେ ମନେ ମନ ॥
ଯେ ବ୍ରତେ ଯମର ସନ୍ତୋଷ । ସେ ବ୍ରତେ କରିବ ପ୍ରକାଶ ॥
ଯମ ସନ୍ତୋଷ ସବୁ ଭଲ । ନୋହିଲେ ଜଳନ୍ତା ଅନଳ ॥
ଯମର ଏ ଓଷା ଭିଆଣ । ବଡ଼ ଓଷାଟି ଯାର ନାମ ॥

ବ୍ରତକୁ ରଚି ବନମାଳୀ । ପ୍ରକାଶ ପାଇଁ ମନେ ଭାଳି ॥
ଯାହାର ମହିମା ଅନନ୍ତ । ତାକୁ କି ଏହା ବଳବନ୍ତ ॥
ଏମନ୍ତ ଗଲା କିଛି ଦିନ । ଦେଖ ବିଧାତା ବିଧିମାନ ॥
ପାଟଳି ପୁରରେ ବ୍ରାହ୍ମଣ । ଥିଲା ଯେ ଏକଇ ନିର୍ଦ୍ଧନ ॥
ଜନ୍ମିଲେ ତାର ସାତସୁତ । ସମସ୍ତେ ହୋଇଲେ ନିହତ ॥
ବ୍ରାହ୍ମଣ ମନସ୍ତାପ ପାଇ । ବିଷ୍ଣୁଙ୍କୁ ସେବାକଲା ଯାଇ ॥
ତାର ସେବାରେ ହୋଇ ବଶ । ବିଷ୍ଣୁ ମିଳିଲେ ତାର ପାଶ ॥
ସ୍ୱପ୍ନେ କହନ୍ତି ଦାମୋଦର । ବ୍ରାହ୍ମଣ ଚିନ୍ତା ଦୂର କର ॥
କହ ତୋ ପତ୍ନୀକି ତ୍ୱରିତ । ଆଚରୁ ବାଟଓଷା ବ୍ରତ ॥
ଏଥି ସନ୍ତୋଷ ଯଦୁନାହା । କରିବେ ତୋହଠାରେ ଦୟା ॥
ମାଘ ମାସର କୃଷ୍ଣପକ୍ଷ । ଅଟଇ ଏହି ଓଷା ମୋକ୍ଷ ॥
ପଞ୍ଚୁ ପୂର୍ଣ୍ଣିମା ହେବ ଗତ । ତୃତୀୟ ନବମ ସପତ ॥
ଏ ତିନି ଦିନଟି ପ୍ରଧାନ । ଓଷା କରିବାର ବିଧାନ ॥
ନାରୀମାନଙ୍କର ଏ ମତ । ଅତି ନିଷ୍ଠରେ ଏହି ବ୍ରତ ॥
ଯେବଣ ପାତ୍ରରେ କରିବ । ଧାନକୁ ତହିଁରେ ମାପିବ ॥
ସେହି ଦିନରେ ଚୂନା କୁଟି । ଯାଚିବ ସବୁ ବଟାବଟି ॥
ଘୃତରେ ନଇବିଦ୍ୟ ଯାକ । କରିବ ନିଷ୍ପାପରେ ପାକ ॥
ବୃକ୍ଷ କୁଣ୍ଡାକୁ ଜଳେ ନେଇ । ଦେଇଣ ଆଣିବ ଉଭେଇ ॥
ଯେତେକ ଦ୍ରବ୍ୟ କରିଥିବ । ସକଳ ପୂଜିବାକୁ ନେବ ॥
କେଭେ ନ ରଖିବଟି ଶେଷ । ରଖିଲେ ଯମ ଅସନ୍ତୋଷ ॥
ଆଖୁ କଦଳୀ ମୂଳା ପୁଣ । ତାଙ୍କୁଡ଼ି ମଧରେ ଥୋଇଣ ॥
ଫଳକୁ ନଇବିଦ୍ୟ ଥୋଇ । ବରଜ ମୂଳିରେ ଘୋଡ଼ାଇ ॥
ଚନ୍ଦନ ସିନ୍ଦୂର କଜ୍ଜ୍ୱଳ । ଝୁଣା ଗୁଗୁଳ ଫୁଲମାଳ ॥
ହସ୍ତରେ ଘେନି ଦିପାବଳୀ । ପୂଜା ସାମଗ୍ରୀମାନ ଧରି ॥

ଯମରାଜଙ୍କୁ ମନେ ଚିନ୍ତି । ଚଳିବ ହୋଇ ହୃଷ୍ଟମତି ॥
ବନସ୍ତ ମଧ୍ୟରେ ପଶିବ । ଯହିଁ ସୁରମ୍ୟ ସ୍ଥାନ ହେବ ॥
ଆଗହୁଁ ସ୍ଥାନ ଲିପି ପୋଛି । ଗର୍ତ୍ତ ଖୋଳିଣ ଥିବ ବାଛି ॥
ଫୁଲ ଚନ୍ଦନରେ ମଣ୍ଡିତ । କଜ୍ଜଳ ସିନ୍ଦୂର ସହିତ ॥
ଗର୍ତ୍ତର ଚଉପାଶେ ନାରୀ । ବସିବେ ସମସ୍ତ ଆବୋରି ॥
ସମସ୍ତ ଯେତେକ ବିଧାନ । କହିଲେ ସବୁ ନାରାୟଣ ॥
ସକଳ କଥା ଗଲେ କହି । ବ୍ରାହ୍ମଣ ଉଠିଲା ଚିଆଇଁ ॥
ଭରିଯା ଆଗରେ କହିଲା । ଶୁଣି ସେ ଆନନ୍ଦ ହୋଇଲା ॥
ପଞ୍ଚୁ ପୂର୍ଣ୍ଣିମା ତିନି ଦିନେ । ବ୍ରାହ୍ମଣୀ ହରଷିତ ମନେ ॥
ସୂତା ଯା କାଟି ରଖିଥିଲା । ପତି ସମୀପେ ନେଇ ଦେଲା ॥
ଗାମୁଛା କାନିରେ ବାନ୍ଧିଣ । ହାଟକୁ ଚଳିଲା ବ୍ରାହ୍ମଣ ॥
କଉଡ଼ି ଦଶପଣ ହେଲା । ଓଷା ସମଗ୍ରୀ କ୍ରୟ କଲା ॥
ଓଷା ସାମଗ୍ରୀ ସଜକରି । ଗୃହକୁ ଆସିଲା ସେ ଫେରି ॥
ବ୍ରାହ୍ମଣୀ ବାଟ ଚାହିଁଥିଲା । ଆନନ୍ଦେ ଫିଟାଇ ରଖିଲା ॥
ନଦୀକୁ ଯାଇ ସ୍ନାନ ସାରି । ନିର୍ଜ୍ଜନେ ବସିଲା ସୁନ୍ଦରୀ ॥
ନାନା ପ୍ରକାର ପିଠା କଲା । ଗନ୍ଧ ଚନ୍ଦନ ସଜାଡ଼ିଲା ॥
ଏମନ୍ତ କରୁ କରୁ ନାରୀ । ପ୍ରବେଶ ହୋଇଲା ତିମିରି ॥
ଓଷା ସାମଗ୍ରୀ ସଜକରି । ଟାଙ୍ଗୁଡ଼ା ଗୋଟିକରେ ଭରି ॥
ଅବଳା କରି ପାଞ୍ଚସାତ । ବନସ୍ତେ ମିଳିଲା ତୁରିତ ॥
ଯଥା ବିଧାନେ ଓଷା ସାରି । ବରଗ ମୂଳରେ ପହରି ॥
ପୁତ୍ର ମନାସି ବ୍ରତ କଲା । ଯମର ସୁଦୟା ହୋଇଲା ॥
ଆନନ୍ଦେ ଗୃହକୁ ଅଇଲା । ଓଷା ପ୍ରସାଦ ସର୍ବେ ଦେଲା ॥
ଏମନ୍ତେ କିଛିଦିନ ଗଲା । ବ୍ରାହ୍ମଣୀ ସୁତ ପ୍ରସବିଲା ॥
ସର୍ବେ ହୋଇଲେ ବିଦ୍ୟମାନ । ମହାସୁଖରେ ନେଲେ ଦିନ ॥

smarteduguide.com

ଏଥିଉତାରୁ ଗ୍ରାମବାଳୀ । ସମସ୍ତେ ଓଷା କଲେ ମିଳି ॥
ଏ ଅଟେ ମହିମା ଯମର । ପ୍ରକାଶ ହେଲା ଯେ ପ୍ରକାର ॥
ସମସ୍ତେ ଶାନ୍ତ କଲେ ଚିତ୍ତ । ଶୁଣ ଏ ଓଷାର ବୃତ୍ତାନ୍ତ ॥
କୋଶଳ ଦେଶର ରାଜନ । ନାମ ଅଟଇ ସୁଦର୍ଶନ ॥
ଅତି ଦୟାଳୁ ରାଜା ସେହି । ପରଜା ଗୁହାରି ଶୁଣଇ ॥
ସମସ୍ତେ ମିତ୍ର ଶତ୍ରୁ ନାହିଁ । ଅତି ସୁଖରେ ଦିନ ଯାଇ ॥
ପତ୍ନୀର ନାମ ଲୀଳାବତୀ । ସର୍ବ ବିଷୟରେ ସୁଖମତି ॥
ଏକା ଅପୁତ୍ର ହେତୁ ରାଜା । ସର୍ବଦା କରେ ଦେବ ପୂଜା ॥
ଦୁଃଖରେ ଥା'ନ୍ତି ବେନି ପ୍ରାଣୀ । ଚାତକ ଯଥା ମେଘ ପାଣି ॥
ଏକ ଦିନରେ ସଭାକରି । ବ୍ରାହ୍ମଣ ଛଉତିଷ ବରି ॥
ପୁତ୍ର ହୋଇବ କି ପ୍ରକାରେ । ସମସ୍ତେ ଅଛନ୍ତି ଚିନ୍ତାରେ ॥
ରଜନୀ ଅଛି ଅର୍ଦ୍ଧ ହୋଇ । ବାଟ ଅବାଟ ନ ଦିଶଇ ॥
ଦଇବେ ବାଟଓଷା ଆସି । ହୋଇଛି ସେହିଦିନ ନିଶି ॥
ବନସ୍ତେ ନାରୀମାନେ ମିଳି । ଦେଉ ଅଛନ୍ତି ହୁଳହୁଳି ॥
ପୋଇଲି ପରିବାରିମାନେ । ବୋଲନ୍ତି ମଧୁର ବଚନେ ॥
ଦାସୀଏ ପଚାରନ୍ତି ଭାଷ । ଏ ଓଷା ନାମ ଅଟେ କିସ ॥
ସର୍ବେ କହନ୍ତି ଝୁଣ୍ଡ ହୋଇ । ଯମ ରାଜାଙ୍କ ଓଷା ଏହି ॥
ଏହାକୁ ଯେ ଜନ କରଇ । ଅପୁତ୍ରି ଦୋଷ କ୍ଷୟ ଯାଇ ॥
ଏଥି ସନ୍ତୋଷ ଜନ୍ତୁପତି । ଆନନ୍ଦେ ପୁତ୍ର ବର ଦ୍ୟନ୍ତି ॥
ଶୁଣି ଏମନ୍ତ ଦାସୀମାନେ । ବୋଲନ୍ତି ମଧୁର ବଚନେ ॥
ଆମ୍ଭର ରାଜା ଅପୁତ୍ରିକ । ତେଣୁ ତାଙ୍କର ମନ ଦୁଃଖ ॥
ନାରୀଏ ଅନୁଗ୍ରହ କର । ରାଜାଙ୍କୁ ଦିଅ ପୁତ୍ର ବର ॥
ଶୁଣି ଏମନ୍ତ ନାରୀଗଣ । ପ୍ରସାଦ ଦେଲେ ତତକ୍ଷଣ ॥
ବୋଇଲେ ଏହା ଘେନିଯିବ । ରାଣୀଙ୍କ ହସ୍ତେ ସମର୍ପିବ ॥

ମନରେ ଓଷା ମନାସିବେ । ଆନନ୍ଦେ ପ୍ରସାଦ ପାଇବେ ॥
ହୋଇଲେ ତାଙ୍କର ତନୟ । ଏ ଓଷା କରିବେ ନିଶ୍ଚୟ ॥
ଏମନ୍ତ ଶୁଣି ଦାସୀଗଣ । ଆନନ୍ଦେ କରିଲେ ଗମନ ॥
ରାଜାଙ୍କୁ ସଭାରେ ଜଣାଇ । ରାଣୀଙ୍କ ପାଶେ ଦେଲେ ନେଇ ॥
ଶୁଣି ଏମନ୍ତ ଲୀଳାବତୀ । ଦରିଦ୍ର ପାଇଲା ସମ୍ପତ୍ତି ॥
ଚାତକ ଦେଖିଲା କି ଘନ । ଅନ୍ଧ ପାଇଲା ଚକ୍ଷୁଦାନ ॥
ସଙ୍କଳ୍ପ ଦୃଢ଼ଚିତ୍ତେ କଲେ । ଓଷା କରିବ ପୁତ୍ର ହେଲେ ॥
ପ୍ରସାଦ ପାଇ ହୃଷ୍ଟ ଚିତ୍ତେ । ଏମନ୍ତ ଗଲା ଦିନ କେତେ ॥
ରାଣୀଙ୍କ ଗର୍ଭ ସଞ୍ଚରିଲା । ଚନ୍ଦ୍ରମା ପ୍ରାୟେକ ବଢ଼ିଲା ॥
ଶରୀର ହୋଇଲା ବିବର୍ଣ୍ଣ । ହୋଇ ଉଠଇ ଘନ ଘନ ॥
ସ୍ଥୂଳ ହେଲା ସିଂହ କଟୀ । ଖସିଲା ଖୋସା ପିନ୍ଧା ଶାଢ଼ୀ ॥
ଭରି ହୋଇଲା ଅଳଙ୍କାର । ଆହାରେ ଜନ୍ମିଲା ବିକାର ॥
ସୁପାତି ଶେଯ ତ୍ୟାଗକରି । ଶୋଇଲେ ଧରିଣୀ ଉପରି ॥
ଏମନ୍ତେ ଯେତେକ ଲକ୍ଷଣ । ସକଳ ହୋଇଲା ପୂରଣ ॥
କ୍ରମେ ଦଶମାସ ହୋଇଲା । ରାଣୀ ଯେ ପୁତ୍ର ପ୍ରସବିଲା ॥
ରାଜା ଆନନ୍ଦ କଥା ଶୁଣି । ନନ୍ଦର ଘରେ ବେଣୁପାଣି ॥
ହୋଇଲା ହାଟ ତୁଠ ତୂର । ମଣ୍ଡନ ହୋଇଲା ନଗର ॥
ସୁବର୍ଣ୍ଣ କୁମ୍ଭ ବସେ ଦ୍ୱାରେ । ଶ୍ୱେତ ପତାକା ଶିଖରୀରେ ॥
ଭାଟମାନଙ୍କ ସ୍ତୁତିଗାନ । ବ୍ରାହ୍ମଣମାନଙ୍କ କଲ୍ୟାଣ ॥
ଧ୍ୱନିରେ କମ୍ପିଲା ସେ ଦେଶ । ସକଳ ଜନଙ୍କ ଉଲ୍ଲାସ ॥
ହୋଇଲା ବସ୍ତ୍ର ବିତରଣ । ସୁବର୍ଣ୍ଣ ରୌପ୍ୟ ଆଦି ଧନ ॥
ଯେତେ ସେ ଧନ ଦେଲେ ଆଣି । କେ ତାହା କହିବ ବଖାଣି ॥
ପଞ୍ଚମ ଦିନେ ପଞ୍ଚୁଆତି । ଷଷ୍ଠ ଦିନରେ କଲେ ଷଷ୍ଠୀ ॥
ସପ୍ତମ ଦିନେ ଉଠିଆରି । ବିଧି ବିଧାନ ମତେ କରି ॥
ଏକବିଂଶତି ଦିନେ ପୁଣ । ଜାଇ ବନ୍ଧୁଙ୍କୁ ନିମନ୍ତ୍ରଣ ॥

ସମସ୍ତ ସାରିଲେ ଭୋଜନ । ଆହାରେ ତୃପ୍ତ ସର୍ବଜନ ।।
ସରିଲା ସକଳ ଉତ୍ସବ । ଘରକୁ ଚଳିଲେ ସେ ସର୍ବ ।।
ଏମନ୍ତ ଗଲା ଏକୋଇଶା । ମନରେ ନାହିଁ ଆଉ ଓଷା ।।
ପୁତ୍ରର ନାମ ବୀରସେନ । ଦେଖି ସାନନ୍ଦ ବେନି ଜନ ।।
ଏମନ୍ତେ ପୁରିଲା ବରଷ । ବରୋଟି କଥା ଶୁଣି ତୋଷ ।।
ସ୍ୱଭାବେ ରାଜା ଭୋଳା ମନ । ସର୍ବଦା ସୁଖରେ ମଗନ ।।
ଓଷାର କଥା ନାହିଁ ମନେ । ପାଞ୍ଚ ବରଷ ହେଲା କ୍ରମେ ।।
ଖଡ଼ି ଛୁଇଁଣ ବୀରସେନ । ଆରମ୍ଭ କରିଲା ପଠନ ।।
ପାଠଶାଳାକୁ ଯାଏ ନିତି । ପାଠ ପଠନେ ସଦା ମତି ।।
ଅତ୍ୟନ୍ତ ସୁଶୀଳ ସେ ପୁଅ । ନ କରେ କା-ସଙ୍ଗେ କଳହ ।।
ସାତ ବରଷ ଏହି ମତି । ତେଣେ ଭାଳନ୍ତି ଛତ୍ରପତି ।।
ମୋ ଓଷା ମନରେ ନ କଲା । ସୁଖରେ ରାଜା ଭୋଳ ହେଲା ।।
ଯାହା ସକାଶେ ଏତେ କଥା । ସେ ଗଲେ ହେବ ତାରଚେତା ।।
ଏମନ୍ତ ଯମରାଜା ଭାଳି । ଅତି କୋପରେ ଗଲେ ଚଳି ।।
ପାଠ ପଢ଼ିଣ ବୀରସେନ । ଘରକୁ କରଇ ଗମନ ।।
ଦେଖିଲେ ପାଶେ କେହି ନାହିଁ । ଏକାକୀ ବାଳକ ଗମଇ ।।
ବାନ୍ଧିଣ ଚର୍ମ ଦଉଡ଼ିରେ । ଘରକୁ ଘେନିଗଲେ ଖରେ ।।
ମାଆକୁ କହିଲେ ଏସନ । ଆଣିଛି ଅପୂର୍ବ ଭୋଜନ ।।
ଏହାକୁ କର ତୁ ରନ୍ଧନ । ଖାଇଲେ ତୋଷ ହେବ ମନ ।।
ମାଆ ବୋଲଇ ଯମମଣି । କି କର୍ମ କଲୁ କାହୁଁ ଆଣି ।।
କାହାର ଏକୋଇର ବଳା । କେମନ୍ତେ ତୋ ସତ ବଳିଲା ।।
ଯମଙ୍କ ଘରେ ଏହି କାଳେ । ଅତିଥି ଏକ ପ୍ରବେଶିଲେ ।।
ତା' ଦେଖି ବାଳକକୁ ନେଇ । ଗମ୍ଭିରୀ ଭିତରେ ଲୁଚାଇ ।।
ମାତାଙ୍କୁ ବୋଲେ ଯମ ରାଜ । ସତ୍ୱର କର ରନ୍ଧାକାର୍ଯ୍ୟ ।।
କଦଳୀ ବାଡ଼ିରେ ପ୍ରଚୁର । ଆଣ ତିଅଣ ବେଗେ କର ।।

ଶୁଣିଣ ମାତା ବେଗେ ଚଳି । ବାଡ଼ିରେ ଖୋଜନ୍ତି କଦଳୀ ॥
ଦଶ ଫେଣିଆ କାନ୍ଦି ଛାଡ଼ି । ଆଣିଲେ ଦି ଫେଣିଆ ଲୋଡ଼ି ॥
ଦେଖିଣ ଯମ ଯେ ହସିଲେ । ମାତାକୁ ଡାକିଣ ବୋଇଲେ ॥
କେତେ କଦଳୀ ଅବା ନାହିଁ । ଏହାକୁ ଆଣିଲ କିମ୍ପାଇ ॥
ଜନନୀ ବୋଇଲେରେ ସୁତ । ବଡ଼କୁ ନ ଗଲା ମୋ ହାତ ॥
ସତଟି ନ ବଳିଲା ଯହୁଁ । ଆଣିଲି ଏହାକୁ ମୁଁ ତହୁଁ ॥
ପୁତ୍ର ବୋଲଇ ମାତା ମୋର । ଅଟଇ ଏମନ୍ତ ବେଭାର ॥
ବହୁତ ପୁଅ ଝିଅ ଯହିଁ । ତହିଁକି ସତ ନ ବଳଇ ॥
ଅଳପଠାରୁ ଆଣେ ମୁହିଁ । ତେଣୁ ମୋହର ଦୋଷ ନାହିଁ ॥
ସ୍ନାନ କରିବା ପାଇଁ ଯମ । ଗମିଲେ ଏମନ୍ତ କହିଣ ॥
ଯମର ମାଆ ଦୟା ପାଇ । ବୀରସେନକୁ ଯେ କହଇ ॥
କାହାର ପୁତ୍ର ଅଟୁ ବସା । ତୋତେ ଖାଇବ ବୋଲି ଇଚ୍ଛା ॥
ଉପାୟ କହୁଛି ମୁଁ କର । ଏଥିରୁ ହୋଇବୁ ଉଦ୍ଧାର ॥
କାଠି ଦି'ଖଣ୍ଡ ଘେନି ଯାଅ । ପୂଜା କରିବା ବେଳେ ପୁଅ ॥
ପୁରାଇ ଛିଙ୍କିବୁ ନାକର । ବୋଲିବି ହୁଅ ଅଜମର ॥
ତା' ଶୁଣି ପୁଅ ନ ଖାଇବ । ତେତେ ନେଇଣ ଛାଡ଼ି ଦେବ ॥
ଯେ ଦିନ ଯମରାଜା ଘେନି । ପୁଅକୁ କରିଛି ବନ୍ଦିନୀ ॥
ରାଜା ରାଣୀଙ୍କ ମନ ଦୁଃଖ । କାହାରି ମନେ ନାହିଁ ସୁଖ ॥
କୁଟୁମ୍ବଯାକ ଉପବାସ । ଖୋଜନ୍ତି ବନଗିରି ଦେଶ ॥
ନାଗରା ଦେଇ ଗ୍ରାମ ଗ୍ରାମ । କରନ୍ତି ଲୋକେ ଅନ୍ୱେଷଣ ॥
ପୁଅ ତ ଅଛି ବନ୍ଦୀଶାଳେ । କାହୁଁ ପାଇବେ ଯେତେକଲେ ॥
ଏ ଅନ୍ତେ ଓଷାଇତିମାନେ । ଏକ ମନରେ ଶୁଣ କର୍ଣ୍ଣେ ॥
ମଉନ ଭାବେ ଶୁଣୁଥିବ । ହୁଳହୁଳି ଯେ ଦେଉଥିବ ॥
ସ୍ନାନରୁ ଯମ ରାଜା ଆସି । ପୂଜା କରିବା ପାଇଁ ବସି ॥
ଏମନ୍ତ ବେଳେ ବୀରସେନ । ଛିଙ୍କିଲା କାଠି ପୁରାଇଣ ॥

ରୋଷାଇ ଘରେ ଯମ ମାତା । ବୋଲେ ଅଜମର ହୋଇଥା ।।
ଯମ ବୋଇଲେ ହୋଇ ବ୍ୟସ୍ତ । କି କଲ କି କଲ ଭୋ ମାତ ।।
ଅଜମର ହୁଅ ବୋଇଲ । କାହାକୁ ଏମନ୍ତ କହିଲ ।।
ଯାହାକୁ ଖାଇବାର ପାଇଁ । ସାଇତି ଥୋଇଥିଲି ମୁହିଁ ।।
ତାହାକୁ କଲ ଅଜମର । ଆଉ କି ହୋଇବ ଆହାର ।।
ମାତା ବୋଲଇ ତାହା ଶୁଣି । ତୋତେ କହିଲି ପୁତ୍ରମଣି ।।
କହନ୍ତି କାହାକୁ ବା ଆଉ । ତୋ ପରା ପୁତ୍ର ଆଉ ଥାଉ ।।
ଏମନ୍ତେ ଭୋଜନ ସାରିଣ । ମନରେ ପାଞ୍ଚିଲେ ଯେ ଯମ ।।
ବୀରସେନକୁ ନ ମାରିବି । ନେଇଣ ଛାଡ଼ି ମୁଁ ଆସିବି ।।
ଚେତାଇ ଦେବି ଓଷାକର । ନୋହିଲେ ନେବି ଆରବାର ।।
ଏମନ୍ତେ ବେଳହିଁ ବୁଡ଼ିଲା । ଅନ୍ଧାରେ ଚୌଦିଗ ଘୋଟିଲା ।।
ରଜନୀ ଅର୍ଦ୍ଧ ଅଛି ହୋଇ । ଅନ୍ଧାରେ ପଥ ନ ଦିଶଇ ।।
ବୀରସେନକୁ ବଧ କରେ । ବାନ୍ଧିଛି ଚର୍ମ ଦଉଡ଼ିରେ ।।
ଏମନ୍ତେ ଘେନିଣ ଅଇଲେ । ରାଜାର ସିଂହଦ୍ୱାରେ ହେଲେ ।।
ଦାଣ୍ଡ ବାଟରେ ସେ ନ ଯାଇ । ବାଡ଼ିଆଡ଼କୁ ଗଲେ ନେଇ ।।
ଚର୍ମ ଦଉଡ଼ା ମୁକୁଳାଇ । ବୀରସେନକୁ ଏହା କହି ।।
ବୋଲିବୁ ଘରେ ଏହା ଯାଇ । ଯମରାଜା ଯେ ଥିଲେ ନେଇ ।।
ନ କଲ ମୁହୁଁ ତାଙ୍କ ବ୍ରତ । ତେଣୁ ସେ ହୋଇଲେ କୁପିତ ।।
ପାଠ ପଢ଼ିଣ ଆସୁଥିଲି । ଧରି ନେଇଣ ଗଲେ ଚଳି ।।
ମାଆଙ୍କ ହେତୁରୁ ତାଙ୍କର । ପ୍ରାଣ ପାଇଲି ଏହି ଥର ।।
ଆରଥରକୁ ରକ୍ଷା ନାହିଁ । ମୋତେ ଡିଆରିଛନ୍ତି କହି ।।
ଏ ଆଦି ସମସ୍ତ କହିବୁ । ମାତା ପିତାଙ୍କୁ ବୁଝାଇବୁ ।।
ଯେମନ୍ତେ ମୋ ଓଷା କରିବେ । ନୋହିଲେ ଫଳ ସେ ଭୁଞ୍ଜିବେ ।।
ଏମନ୍ତ ଯମଦେବ କହି । ବୀରସେନକୁ ସଙ୍ଗେ ନେଇ ।।
ବାଡ଼ି ଦୁଆରେ ଛାଡ଼ି ଦେଲେ । ଖଣ୍ଡେ ଦୂରରେ ଉଭା ହେଲେ ।।

ଆକୁଳେ ଡାକେ ମାଆ ମାଆ । ଅନାଇଥାନ୍ତି ଜହ୍ନୁନାହା ॥
ପୁର ମଧ୍ୟରେ ଲୀଳାବତୀ । ବସିଛି ହୋଇ ଦୁଃଖମତି ॥
ପୋଇଲି ବସିଅଛି ଘେରି । ଜଣେ ଶୁଣିଲି ପାଟିବାରି ॥
ବୋଲଇ ପୁଅର କାନ୍ଦଣା । ଶୁଭୁଛି ନାହିଁ ଶୁଣ କିନା ॥
କେ ବୋଲେ ତିନିଦିନ ହେଲା । ହଜିଛି ବୀରସେନ ବଳା ॥
କେହୁ ଖାଇଲା କି ମାଇଲା । କିଛି ତ ଜଣା ନ ପଡ଼ିଲା ॥
ସତେ ଦେଖିବୁ ଆଉ ପୁଅ । କିମ୍ପାଇ ତୁମେ ଏହା କୁହ ॥
ଏହି ରୂପରେ କୁହାକୁହି । ହେଉଅଛନ୍ତି ସର୍ବେ ରହି ॥
ଏମନ୍ତ ବେଳେ ବୀରସେନ । ଉଚ୍ଚେ ଡାକିଲା ଘନ ଘନ ॥
ପୁଅ ଡାକିବା ଶବ୍ଦ ପାଇ । ଅଇଲେ ଦାସୀମାନେ ଧାଇଁ ।
ଘେନି ଅଛନ୍ତି ଦୀପାବଳୀ । ମାତା ସଙ୍ଗତେ ସର୍ବେ ମିଳି ।
କବାଟ ଫିଟାଇଣ ଦେଲେ । ପୁଅକୁ ଦେଖି କାଖ କଲେ ।
ଯମ ଯେ ଗଲେ ନିଜ ବାସ । ପୁଅକୁ କରନ୍ତି ଆଶୀଷ ।
ପୁଅକୁ ଲୀଳାବତୀ ଦେଖି । କାନ୍ଦି ପଚାରେ କହ ବସି ।
କାହିଁତୁ ଥିଲୁ ଏତେ ଦିନ । ଅନ୍ଧ ନୟନ ଦୁଃଖୀ ଧନ ।
ବାରତା ପାଇଣ ସକଳ । ରାଜା ମନ୍ଦିରେ ହେଲେ ଭେଳ ।
ସମସ୍ତେ ଦେଖି ହରଷିତ । ପୁଚ୍ଛନ୍ତି ବାବୁ କହ ସତ ।
କିମ୍ପାଇଁ ରୁଷିଥିଲୁ କାହିଁ । କହ ଆମ୍ଭଙ୍କୁ ସର୍ବ ଫେଇ ।
ବୋଲଇ ବୀରସେନ ଶୁଣି । ରୁଷି ନ ଥିଲି ମୁଁ ଜନନୀ ।
ନକଲ ତୁମ୍ଭେ ବାଟ ଓଷା । ହୋଇଲେ ଯମ ରାଜା ଘୋଷା ।
ମୋତେ ଘେନିଣ ଗଲେ ବାନ୍ଧି । ସକଳ କହେ କାନ୍ଦି କାନ୍ଦି ।
ତାଙ୍କର ମାଆ ଦୟା କଲେ । ବଞ୍ଚିବା ଉପାୟ କହିଲେ ।
ନ ମାରି ତେଣୁ ସୂର୍ଯ୍ୟସୁତ । ଛାଡ଼ି ଦେଇଣ ଗଲେ ଏଥ ।
କହି ସେ ଅଛନ୍ତି ତିଆରି । ନ କଲେ ପୁଣି ନେବ ଧରି ।
ଏମନ୍ତ ଶୁଣି ଲୀଳାବତୀ । ଚମକିପଡ଼ି ଦୁଃଖମତି ।

ମୁଁ ଚାଣ୍ଡାଳୀ କିସ କଲି । ଯମଦେବଙ୍କ ଓଷା ଭୁଲି
ପୁଅକୁ ଦେଲା ଏତେ ଦୁଃଖ । ଅନେକ ହୋଇଲା ବିମୁଖ
ନବମ ଦିନ ଓଷା ଆସି । ଯୋଗେ ପଡ଼ିଛି ଆଉଁ ନିଶି
ଦାସୀଏ କଲେ ଓଷା ବିଧି । ଆଖୁ କଦଳୀ ଦ୍ରବ୍ୟ ଆଦି
ଗନ୍ଧ ଚନ୍ଦନ ଫୁଲମାଳ । ଗୁଗୁଳ ସିନ୍ଦୁର କଜ୍ଜ୍ୱଳ
ଯେତେକ ଲୋଡ଼ା ଦ୍ରବ୍ୟମାନ । କ୍ଷଣକେ ହେଲା ସମ୍ପାଦନ
ଟାଙ୍ଗୁଡ଼ି ଆଦି ସଜ କରି । ବାହାର ହେଲେ ସର୍ବନାରୀ
ବନସ୍ତ ମଧ୍ୟରେ ମିଳିଲେ । ଆନନ୍ଦେ ହୁଳହୁଳି ଦେଲେ
ଖନନ କରି ଗର୍ତ୍ତ ଦୁଇ । ଗନ୍ଧ ଚନ୍ଦନ ଛେନା ଦେଇ
ବିଧି ବିଧାନ ସବୁ କଲେ । ବିଲ୍ଲ ମୂଳିରେ ପହଁରିଲେ
ଆନନ୍ଦେ ଦେଲେ ହୁଳହୁଳି । ଯେ ଯା ମନ୍ଦିରେ ଗଲେ ଚଳି
ଏଡ଼େ ମହିମା ଏ ଓଷାର । ଯେ କରେ ଶରଧା ମନର
ଯେ କରେ ହୋଇ ନିଷ୍ଠା ବ୍ରତ । ଅପୁତ୍ରି ହେଲେ ହୁଏ ପୁତ୍ର
ନିର୍ଦ୍ଧନ ହୁଏ ଧନବାନ । ଜନ୍ମାନ୍ଧ ପାଇବ ନୟନ
ଏମନ୍ତ ଅଟେ ବାଟଓଷା । ଯେ କଲେ ପାଲଟେ ତା ଦଶା
ଯମର ଜ୍ୱାଳା ନ ଲାଗଇ । ମହା ସୁଖରେ ଦିନ ଯାଇ
ସବର୍ଣ୍ଣବାହିଁ ଅମଳିନ । ରହିଣ ଥିବ ଦିନ ଦିନ
କହିବା ଲୋକକୁ ଶୀତଳ । ସମସ୍ତେ ଦେବ କରି ଠୁଳ
ଓଷା ବଢ଼ାଇ ଗୃହେ ଯିବ । ଆନନ୍ଦେ ହୁଳହୁଳି ଦେବ
ଭାଇ ବନ୍ଧୁଙ୍କୁ ବାଣ୍ଟି ଦେବ । ଆପଣେ ସନ୍ତୋଷେ ଭୁଞ୍ଜିବ
ଯେ ଏହା କରେ ଉପହାସ । ତାହାର ବଂଶ ହୁଏ ନାଶ
କୃଷ୍ଣ ଚରଣେ ମୋର ଆଶ । କହଇ ଗୋପୀନାଥ ଦାସ

✡ ସମାପ୍ତ ✡

ମା' ତାରିଣୀ ପ୍ରିଣ୍ଟର୍ସ, ରାଜାବଗିଚା, ବଡ଼େଇସାହି, କଟକ-୯